# Akashvani, Sambalpur

# SAMBALPURI NEWS MORNING BULLETIN

## 15 August 2026 - 6.47- 6.52 am.

---

ସ୍ୱାଧୀନତା ଦିବସ୍ ସମାରୋହ ଏନ୍‌ଏସ୍‌ଡି

ଦେଶ୍ ଆଏଜ୍ ୮୦ ନମ୍ବର ସ୍ୱାଧୀନତା ଦିବସ୍ ପାଳନ୍ କରୁଛେ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଉ କିଛି ସମିଆ ଉତ୍‌ରୁ ନୂଆଦିଲ୍ଲୀର୍ ଐତିହାସିକ ଲାଲ୍‌କିଲ୍ଲାନ ଜାତୀୟ ପତାକା ଉତୋଲନ୍ କର୍‌ବାର୍ ସହେତେ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କର୍‌ବେ । ଭାରତୀୟ ବାୟୁସେନାର୍ ୨ ଟା ଏମ୍.ଆଇ. ୧୭ ହେଲିକେପ୍ଟର୍ ଜରିଏ ସମାରୋହ ଜାଗା ନ ଫୁଲ୍ ଝିଟାଯିବା । ରାଷ୍ଟ୍ରୀୟ ଗାନ ବନ୍ଦେ ମାତରମ୍‌ର ଶହେ ୫୦ ବଛର୍ ପୂର୍ତି ଅବ୍‌ସରେ ପହେଲା ଥର୍ ଲାଗି ଲାଲ୍‌କିଲ୍ଲା ଠାନେ ବନ୍ଦ ମାତରମ୍ ଗାନ କରାଯିବା । ଜାତୀୟ ସମର୍ ଶିକ୍ଷାର୍ଥୀ ବାହିନୀ- ଏନ୍‌ସିସି କେଡ୍‌ଟେ ଆଉ ମାଇ ଭାରତ୍‌ର ସ୍ୱେଚ୍ଛାସେବୀ ମାନେ ବନ୍ଦେ ମାତରମ୍ ଗାଏବେ । ଇତାର୍ ଉତ୍‌ରୁ ଜାତୀୟ ସଂଗୀତ ଗାନ କରାଯିବା । ଇ ସମାରୋହଥି ପାଖାପାଖି ୫ହଜାର୍ ଖାସ୍ ଅତିଥିଙ୍କୁ ନିମନ୍ତ୍ରଣ କରାଯାଇଛେ ।

ସ୍ୱାଧୀନତା ଦିବସ୍- ମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ମହାତ୍ମା ଗାନ୍ଧୀ ମାର୍ଗ ନ ଆଉ କିଛି ସମିଆ ଉତ୍‌ରୁ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ୍ ପାଲନ୍ କରାଯିବା । ଇ ସମାରୋହଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେଇକରି ଜାତୀୟ ପତାକା ଉତୋଲନ୍ କର୍‌ବାର୍ ସହେତେ ପରେଡ୍‌ର ଅଭିବାଦନ୍ ଗ୍ରହଣ୍ କର୍‌ବେ ।

ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କଲାହାଣ୍ଡି ନ ଆଉ ପ୍ରଭାତୀ ପରିଡ଼ା ସୁନ୍ଦର୍‌ଗଡ୍ ନ ସ୍ୱାଧୀନତା ଦିବସ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବେ । ସେନ୍ତା ସମ୍ବଲ୍‌ପୁର୍ ନ ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଜାତୀୟ ପତାକା ଉତୋଲନ୍ କର୍‌ବେ ।

ପୁଲିସ୍ ସେବା ପଦକ ଓଡ଼ିଶା ପୁଲିସ୍

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ସମ୍ମିଲନୀ କକ୍ଷ ନ ଆଏଜ ଗୃହ ବିଭାଗ୍ ତର୍‌ଫୁ ରାଜ୍ୟସ୍ତରୀୟ ପଦକ୍ ପ୍ରଦାନ୍ ଉତ୍ସବ୍ ଆୟୋଜନ୍ କରାଯାଇଛେ । ଇ କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେଇକରି ପୁଲିସ୍ ଅଧିକାରୀ ଆଉ କର୍ମଚାରୀମାନ୍‌କୁ ପଦକ୍ ପ୍ରଦାନ୍ କର୍‌ବେ ।

ଡିଜିପି ଅବସର ଆଇ ଆଣ୍ଡ୍ ପି.ଆର୍

ରାଜ୍ୟ ପୁଲିସ କ୍ରାଇମ୍‌ବ୍ରାଂଚ୍‌ର ଡିଜି ବିନୟ ତୋଷ୍ ମିଶ୍ରଙ୍କୁ ରାଜ୍ୟର୍ ପୁଲିସ୍ ମହାନିର୍ଦ୍ଦେଶକ୍ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛେ । ଇ ବାବଦ୍ ପ୍ରସ୍ତାବ୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଅନୁମୋଦନ୍ ଦେଇଛନ୍ । ପୂର୍ଣ୍ଣକାଳୀନ ପୁଲିସ୍ ମହାନିର୍ଦ୍ଦେଶକ୍ ଭାବେ କେହି ବଛା ନାଇଁଯାଇଥିବାର୍‌ନୁ ଶ୍ରୀ ମିଶ୍ରଙ୍କୁ ଇ ଅତିରିକ୍ତ ଦାୟିତ୍ୱ ଦିଆଯାଇଛେ । ପରବର୍ତୀ ନିର୍ଦ୍ଦେଶ୍ ବାହାର୍‌ବାର୍ ତକ୍ ଶ୍ରୀ ମିଶ୍ର ଇ ଦାୟିତ୍ୱଥି

ରହେବେ । ଇନ ଜନେଇ ଦିଆଯାଇପାରେ ଯେ, ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆ ଆଏବା କାଏଲ୍ ଚାକିରୀନୁ ଅବସର ନେଉଛନ୍ ।

ଆର୍.ଆଇ.ଡି.ଏଫ୍. ବୈଠକ୍        ଆଇ ଆଣ୍ଡ୍ ପି.ଆର୍

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ୨୦୨୬-୨୭ ଆର୍ଥିକ୍ ବଛର୍ ଲାଗି ଗ୍ରାମୀଣ୍ ଭିତିଭୂମି ବିକାଶ୍ ପାଣ୍ଠି- ଆର୍.ଆଇ.ଡି.ଏଫ୍.ର ଉଚକ୍ଷମତା ସମ୍ପନ୍ନ କମିଟିର୍ ପହେଲା ବୈଠକ୍ ଗଲାକାଏଲ୍ ହେଇଯାଇଛେ । ଉନ୍ନୟନ୍ କମିଶନର୍ ଦେଓରଞ୍ଜନ୍ କୁମାର୍ ସିଂ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଅର୍ଥ ବିଭାଗ୍‌ର ପ୍ରମୁଖ ଶାସନ୍ ସଚିବ ଆଉ ଭିନ୍ ଭିନ୍ ବିଭାଗ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ । ରାଜ୍ୟର୍ ନିରନ୍ତର୍ ଉତ୍କୃଷ୍ଟ ପ୍ରଦର୍ଶନ୍‌କେ ନଜର୍‌ଥି ରଖିକରି ଚଲ୍‌ତି ଆର୍ଥିକ୍ ବଛ୍‌ରେ ଓଡ଼ିଶା ଲାଗି ଗ୍ରାମୀଣ୍ ଭିତିଭୂମି ବିକାଶ୍ ପାଣ୍ଠି ଅଧୀନ୍‌ଥି ଅଏତ୍‌କା ପ୍ରକଳ୍ପ ମଞ୍ଜୁର୍ କର୍‌ବାର୍‌କେ ନାବାର୍ଡ୍‌କେ ବୈଠକ୍‌ଥି ଅନୁରୋଧ୍ କରାଯାଇଛେ । ଇ କମିଟି ଆର୍.ଆଇ.ଡି.ଏଫ୍. ଅଧୀନ୍‌ଥି ଆଘୋନୁ ଚାଲୁଥିବା ଆଉ ନୂଆଁ

ପ୍ରକଳ୍ପ ମାନ୍‌କର୍ ଲାଗି ଅର୍ଥ ଅନୁମୋଦନ୍ କରିଛନ୍ । ଇଥି ଜଲ୍‌ସେଚନ୍, ବନ୍ୟା ନିୟନ୍ତ୍ରଣ୍, ସଡ଼କ୍ ଆଉ ସେତୁ ଯୋଗାଯୋଗ୍, ଗୁଦାମ୍ ଭିତିଭୂମି ବାଗିର୍ କ୍ଷେତ୍ର ସାମିଲ୍ ରହିଛେ ।

ଶିଳ୍ପକ୍ଷେତ୍ର -ଟାସ୍କଫୋର୍ସ ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟର୍ ଶିଳ୍ପକ୍ଷେତ୍ର ନ ପ୍ରମୁଖ ଭିତିଭୂମି ପ୍ରକଳ୍ପ ମାନ୍‌କର୍ କାର୍ଯ୍ୟକାରିତା ବାବ୍‌ଦେ ଗଠିତ୍ ହେଇଥିବା ଟାସ୍କଫୋର୍ସର ବୈଠକ୍ ଆଏଜ୍ ଲୋକ୍‌ସେବା ଭବନ୍ ନ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ଶିଳ୍ପ କ୍ଷେତ୍ରଥି ଦର୍‌କାରୀ ମୌଳିକ ଭିତିଭୂମି ପ୍ରକଳ୍ପ ମାନ୍‌କର୍ କାର୍ଯ୍ୟକାରିତା ସ୍ଥିତି, ସମସ୍ୟାର୍ ସମାଧାନ୍ ଆଉ କାମ୍‌ମାନ୍‌କୁ ଧାରିଜ୍ ସମିଆ ଭିତ୍‌ରେ ସାର୍‌ବାର୍ ଲାଗି ଉପସ୍ଥିତ୍ ଥିବା ବିଭାଗୀୟ ଅଧିକାରୀମାନ୍‌କୁ ମୁଖ୍ୟ ଶାସନ୍ ସଚିବ ନିର୍ଦ୍ଦେଶ୍ ଦେଇଛନ୍ । ଇଥି ପ୍ରମୁଖ ଶିଳ୍ପ ସମ୍ପର୍କିତ ଭିତିଭୂମି ଆଉ ରାଜପଥ ପ୍ରକଳ୍ପମାନ୍‌କର୍ ଅଗ୍ରଗତି ବାବ୍‌ଦେ ଆଲୋଚନା ହେଇଥିଲା । ପ୍ରମୁଖ ଭିତିଭୂମି ପ୍ରକଳ୍ପ ମାନ୍‌କର୍ କାମ୍ ସମିଆଥି ବିଦ୍ୟୁତ୍ ଯୋଗାଣ୍, ରାସ୍ତାସୁବିଧା, ଜଲଯୋଗାଣ୍ ବାଗିର୍

ଦେଖାଦେଉଥିବା ସମସ୍ୟାମାନ୍‌କର୍ ସୁବ୍ୟବସ୍ଥା କରିକରି ପ୍ରକଳ୍ପ ମାନ୍‌କର୍ କାର୍ଯ୍ୟକାରିତାକେ ତୁର୍‌ତି କର୍‌ବାର୍‌କେ ଟାସ୍କଫୋର୍ସ କମିଟି ବୈଠକ୍‌ଥି ଜୋର୍ ଦିଆଯାଇଛେ ।

-ମୁଖ୍ୟ ଶାସନ ସଚିବ ଆଇ ଆଣ୍ଡ୍ ପି ଆର୍

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗଲାକାଏଲ୍ ଲୋକସେବା ଭବନ୍‌ନ ଥିବା ପଂଚାୟତିରାଜ ଆଉ ପାନୀୟ ଜଳ ବିଭାଗ ବୁଲି କରି ଭିନ୍ ଭିନ କାମ୍‌ର ସମୀକ୍ଷା କରିଛନ୍ । ଇ ଅବ୍‌ସରେ ମୁଖ୍ୟ ଶାସନ ସଚିବ ବିଭାଗୀୟ ସମ୍ମିଳନୀ କକ୍ଷ ନ ବିଭାଗର ଅଧିକାରୀ, ଜିଲ୍ଲା ଆଉ ବ୍ଲକ୍ ସ୍ତରନୁ ଆଭାସୀ ଜରିଏ ଯୋଗ୍ ଦେଇଥିବା କ୍ଷେତ୍ରସ୍ତରୀୟ ଅଧିକାରୀମାନକ୍‌ର ସାଙ୍ଗେ ଆଲୋଚନା କରି କରି ଭିନ୍ ଭିନ୍ ପରାମର୍ଶ ଦେଇଛନ୍ । ବିକଶିତ ଓଡିଶା ଆଉ ବିକଶିତ ଭାରତର ଲକ୍ଷ୍ୟ ପୂରା କର୍‌ବାର୍‌କେ ଅଏତ୍‌କା ନିଷ୍ଠା ଆଉ ସଂକଳ୍ପର ସହେତେ କାମ୍ କର୍‌ବାର୍‌କେ ସେ ଅଧିକାରୀମାନ୍‌କୁ ଆହ୍ୱାନ୍ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ ଜନ ଅଭିଯୋଗ୍ ଶୁଣାଣି       ଆର୍ଏନ୍ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ଆଏବା ସୋମ୍ବାର୍ ଦିନ ବନ୍ଦ୍ ରହେବା । ମୁଖ୍ୟମନ୍ତ୍ରୀଙ୍କର୍ ଅଲ୍ଗା ଗୁରୁତ୍ୱପୂର୍ଣ୍ଣ କାମ୍ ଥିବାର୍ନୁ ଶୁଣାଣି ବନ୍ଦ୍ ରହେବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍ଫୁ ସୂଚ୍ନା ମିଲିଛେ । ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଆଉ ସମ୍ବାଦପତ୍ର ଜରିଏ ଲୁକ୍କୁ ଜନେଇ ଦିଆଯିବା ।

ଓଏସ୍‌ଟିଇଟି ପଞ୍ଜିକରଣ୍        ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶା ମାଧମିକ ବିଦ୍ୟାଲୟ ଶିକ୍ଷକ୍ ଯୋଗ୍ୟତା ପରୀକ୍ଷା - ଓଏସ୍‌ଟିଇଟି ପଞ୍ଜିକରଣ୍ ସମିଆକେ ମାଧମିକ ଶିକ୍ଷା ପରିଷଦ୍ ତର୍‌ଫୁ ବଢ଼ାଯାଇଛେ । ଆଏବା ୨୩ ତାରିଖ୍‌ତକ୍ ପଞ୍ଜିକରଣ୍ ପ୍ରକ୍ରିୟା ଜାରି ରହେବା । ଆଘୋନୁ ପଞ୍ଜିକରଣ୍ ସମିଆ ଆଏବା ୧୭ ତାରିଖ୍ ଧାରିଜ୍ କରାଯାଇଥିଲା ।

ପାଣିପାଗ        ଆର୍‌ଏନ୍‌ୟୁ/ ସମ୍ବଲପୁର

ଲଘୁଚାପ୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଆଏଜ୍ ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ୍, ଝାର୍‌ସୁଗୁଡ଼ା ଆର୍ ବର୍‌ଗଡ୍ ଜିଲ୍ଲା ନ ଘଡ୍‌ଘଡ଼ି ସହେତେ ଛଡ଼କ୍ ମାରିକରି ଜବର୍ ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।